**ଗ୍ରାମୀଣ କୃଷି ମୌସୁମୀ ସେବା**
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 30-12-2025**

**ରାୟଗଡ଼(ଓଡିଶା) - :2025-12-30 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2025-12-31 | 2026-01-01 | 2026-01-02 | 2026-01-03 | 2026-01-04 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 28.0 | 28.0 | 28.0 | 29.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 11.0 | 12.0 | 12.0 | 12.0 | 13.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 90 | 92 | 94 | 93 | 92 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 21 | 23 | 25 | 25 | 28 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 3 | 2 | 1 | 1 | 0 |
| ପବନର ଦିଗ (ଡିଗ୍ରୀ) | 326 | 315 | 207 | 360 | 360 |
| ମେଘାଛନ (ଅକ୍ଟା) | 2 | 3 | 2 | 2 | 2 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପ୍ରାପ୍ତ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପାଇଁ ଜିଲ୍ଲାରେ ଆକାଶ ଆଂଶିକ ମେଘୁଆ ରହିବ। ପବନର ବେଗ ଆଗାମୀ ପାଞ୍ଚ ଦିନ ପାଇଁ ପ୍ରତି ଘଣ୍ଟା ୧.୦-୩.୦ ରୁ କିଲୋମିଟର ବେଗରେ ରହିବ। ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭.୦° ସେଲ୍ସିୟସ୍-୨୯.୦° ସେଲ୍ସିୟସ୍ ଏବଂ ୧୧.୦° ସେଲ୍ସିୟସ୍ -୧୩.୦° ସେଲ୍ସିୟସ୍ ରହିବ। ସକାଳ ଏବଂ ଅପରାହ୍ଣରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୦-୯୪ ପ୍ରତିଶତ ଏବଂ ୨୧ ରୁ ୨୮ ପ୍ରତିଶତ ମଧ୍ୟରେ ରହିପାରେ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ଚେତାବନୀ ନାହିଁ

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

-

## ସାଧାରଣ ଉପଦେଶ:

| |
|---|
| ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ଟି (ଟିସମୁଦା ମୁ ୟ ୯ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛିକିଛିଫାଙ୍କା ଜାଗା ନରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗାଥାଏ ତେବେ କାଦୁଅ କିମ୍ବା କି ସେଲୋଟ୍ୟାପ ଦେଇ ଭଲଭାବରେ ବନ୍ଦ କରନ୍ତୁ, ଯେପରିକିରିକିବାଷ୍ପ ବାହାରକୁ ନଆସେ । ଏହି ପରି ୭ ରୁ ୧୦ଦିନ ପର୍ଯ୍ୟନ୍ତ କୋଠରୀର ବସ୍ତା ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କୁହୁଡି ଓ କମ୍ ତାପମାତ୍ରାରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିନିରିବା ରେ ହାଲୁକା ଜଳସେଚନ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ଟି (ଟିସମୁଦା ମୁ ୟ ୯ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛିକିଛିଫାଙ୍କା ଜାଗା ନରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗାଥାଏ ତେବେ କାଦୁଅ କିମ୍ବା କି ସେଲୋଟ୍ୟାପ ଦେଇ ଭଲଭାବରେ ବନ୍ଦ କରନ୍ତୁ, ଯେପରିକିରିକିବାଷ୍ପ ବାହାରକୁ ନଆସେ । ଏହି ପରି ୭ ରୁ ୧୦ଦିନ ପର୍ଯ୍ୟନ୍ତ କୋଠରୀର ବସ୍ତା ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । |
| ବିରି | ସାହେବୀ ରୋଗ ନହେବା ପାଇଁସାହେବୀ ରୋଗ ନିରୋଧୀ କିସମ ଯଥା ପିଡିଏମ ୧୩୯, ପିଡିଏମ ୧୧ ଚୟନ କରନ୍ତୁ କିମ୍ବା ସାହେବୀ ରୋଗ ହୋଇ ନଥିବା ଗଛରୁ ବିହନ ସଂଗ୍ରହ କରନ୍ତୁ । ବିହନ ବୁଣିବା ପୂର୍ବ ରୁ ପ୍ରତି କିଲୋ ଗ୍ରାମ ବିହନ ରେ ୭ଗ୍ରାମ ଇମିଡ଼ାକ୍ଲୋପ୍ରିଡ ନାମକ କୀଟନାଶକ ମିଶାଇ ବିଶୋଧନ କରନ୍ତୁ । ଗଛ ୨-୩ ପତ୍ର ହେବା ଅବସ୍ଥାରୁ ଏକରପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ଧଳାମାଛି ମାନେ ହଳଦିଆଦି ରଙ୍ଗ ପ୍ରତି ଆକୃଷ୍ଟ ହୋଇ ଯନ୍ତା ଅଠାରେ ଲାଖି ମରିଯିବେ । ସାହେବୀ ଆକ୍ରାନ୍ତ ଗଛଗୁଡିକୁ ଓପାଡି ଦୂରରେ ନଷ୍ଟ କରିଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଆଳୁ | ସଅଳ ଲଗାଯାଇଥିବା ଆଳୁ ଫସଲ ଏବେ ୩ ସପ୍ତାହ ଅବଧିରେ ଅଛି । କୋଡାଖୋସା ଏବଂ ଘାସ ସଫା କରି ୩୦-୪୫ କେଜି ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ କରନ୍ତୁ । ମାଟି ତଳେ ଆଳୁ ଭଲଭାବେ ବଢିବା ପାଇଁମାଟି ତାପମାତ୍ରା ୩୦୦ ସେଲସିୟସ ରୁ କମ୍ ରହିବା ଉଚିତ୍ । ତେଣୁ ଆଳୁ ଫସଲରେ ଜଳସେଚନ କରନ୍ତୁ । ବର୍ତ୍ତମାନ ସମୟରେ ଆଳୁ ଫସଲରେ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ରହିଛି। ଆଳୁ ଫସଲରେ ସଅଳ ପତ୍ରପୋଡା ରୋଗର ପରିଚାଳନା ପାଇଁଏକର ପ୍ରତି ୬୦୦ଗ୍ରାମ ମାଙ୍କୋଜେବ ନାମକ ଫିମ୍ପିନାଶକ କିମ୍ବା ୪୦୦ଗ୍ରାମ କାର୍ବେଣ୍ଡାଜିମ ଓ ମାଙ୍କୋଜେବର ମିଳିତ ଫିମ୍ପିନାଶକ କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଳୁ ଫସଲରେ ଉଚ୍ଛର ପତ୍ରପୋଡା ରୋଗର ପରିଚାଳନା ପାଇଁଏକର ପ୍ରତି ୪୦୦ ଗ୍ରାମ ମେଟାଲାଗଜିଲଜି ଆଉ ମାଙ୍କୋଜେବର ମିଳିତଳି ଫିମ୍ପିନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଫୁଲକୋବି | କୋବି ଫସଲରେ ବୋରନ ଅଣୁସାର ଜନିତ ଗଠନଗତ ସମସ୍ୟାର ପରିଚାଳନା ପାଇଁପ୍ରତି ୪କିଲୋ ଗ୍ରାମ ବୋରାକ୍ସକୁ ଶେଷ ଓଡଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡଚାଷ ସମୟରେ ଜମିରେ ପ୍ରୟୋଗ କରି ନଥିଲେ ଚାରା ରୋପଣର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବା ର ୨ ସପ୍ତାହ ପୂର୍ବ ରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ରରେ ସିଂ ଚନ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଶୀତଋତୁରେ କୁକୁଡା ମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁକୁକୁଡା ଗୃହ ରେ ୨୦୦ ୱାଟର ବଲବ ଲଗାନ୍ତୁ । କୁକୁଡାମାନଙ୍କୁ ଠିକ ସମୟରେ ଟୀକାକରଣ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| - |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| କୁହୁଡି ଓ କମ୍ ତାପମାତ୍ରାରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିିରିବା ରେ ହାଲୁକା ଜଳସେଚନ କରନ୍ତୁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**